# ଜଳକାରେ ତୃତୀୟ ବନ୍ୟା

**ରୂପସା, ୧୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ସୋମବାର ଚଳିତବର୍ଷର ତୃତୀୟ ଥର ପାଇଁ ବନ୍ୟା ଆସିଛି। ଲଘୁଚାପଜନିତ ଲଗାଣବର୍ଷା ଯୋଗୁ ୫ଶହରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ବନ୍ୟାକୁ ନେଇ ଚାଷୀକୁଳ ଚିନ୍ତାରେ ଦିନ ବିତାଉଛନ୍ତି। ଜଳକା ନଦୀର ଜଳସ୍ତର ରବିବାରଠାରୁ ବିପଦସଂକେତ ଉପରେ ପ୍ରବାହିତ ହେଉଛି।

ରବିବାର ଅପରାହ୍ନ ୧ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିଲା। ନଦୀର ମଥାନୀଠାରେ ବିପଦସଂକେତ ୫.୫୦ ମିଟର ଥିବାବେଳେ ଅପରାହ୍ନ ୪ଟା ସୁଦ୍ଧା ୬ ମିଟରରେ ପ୍ରବାହିତ ହେଉଥିଲା। ରାତି ୯ଟା ସୁଦ୍ଧା ପୁଣି ଜଳସ୍ତର ବୃଦ୍ଧି ହୋଇ ୬.୧୩ ମିଟରରେ ପହଞ୍ଚିଥିଲା। ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ସୋମବାର ଅପରାହ୍ନ ୪ଟା ସୁଦ୍ଧା ୬ଟା ୩୪ମିଟରରେ ଜଳସ୍ତର ପ୍ରବାହିତ ହେଉଥିବା ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ସକାଳେ ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ୧୮ ମି.ମି. ଓ ରସଗୋବିନ୍ଦପୁର ବ୍ଲକରେ ୪୦.୬୦ ମି.ମି. ବର୍ଷା ହୋଇଥିବା ଯୋଗୁ ଜଳସ୍ତର ବୃଦ୍ଧି ଘଟିଛି। ବସ୍ତା ବ୍ଲକର ଗଡ଼ପଦା, ରାଉତପଡ଼ା, ଦୁଧହଂସା, ବାହାର୍ଦ୍ଦା, ମଥାନୀ, କୁଡ଼ିଆ ସମେତ ସଦର ବ୍ଲକର ଶ୍ରୀରାମପୁର ଓ ରସଲପୁର ପଞ୍ଚାୟତର ୫ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ରହିଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାରୁ ଜଳସ୍ତର ଅଧିକ ବୃଦ୍ଧି ହୋଇ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି। ଗତ ଅଗଷ୍ଟରେ ଲଗାତାର ଦୁଇଥର ବନ୍ୟା ଯୋଗୁ ବସ୍ତା ବ୍ଲକରେ ପ୍ରାୟ ୧୪ ଶହ ହେକ୍ଟର ଜମିରେ ଖରିଫ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବିଭାଗୀୟ ରିପୋର୍ଟରୁ ଜଣାପଡ଼ିଥିଲା। ପୁଣି ବନ୍ୟାରେ ଚାଷ ବ୍ୟାପକ କ୍ଷତି ହେବାର ଆଶଙ୍କାକୁ ନେଇ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତହସିଲଦାର କାର୍ତ୍ତିକ କୁମାର ଦାସ, ବିଡ଼ିଓ ଜ୍ଞାନରଞ୍ଜନ ସାହୁ ଓ ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ ପ୍ରମୁଖ ବନ୍ୟାପ୍ଲାବିତ ଚାଷ ଜମି ପରିଦର୍ଶନ କରିବା ସହ ପରିସ୍ଥିତି ପ୍ରତି ନଜର ରଖିଥିବା ପ୍ରକାଶ କରିଛନ୍ତି।


ଚାଷ ଜମିରେ ବନ୍ୟାଜଳ।

- ୨ ଦିନ ଧରି ଜଳସ୍ତର ବିପଦସଂକେତ ଉପରେ
- ୫ଶହ ହେକ୍ଟର ଚାଷଜମି ଜଳାର୍ଣ୍ଣବ

# ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି

## ଅଙ୍ଗନୱାଡି ଯିବା ପାଇଁ ଛାତ୍ରୀଛାତ୍ର ହନ୍ତସନ୍ତ

**ବାଲିଆପାଳ,୧୨।୯(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ଚରବସ୍ତକାଲରୁଇ ଗ୍ରାମର ପକ୍କା ରାସ୍ତା ଉପରେ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ଯାଉଛି। ଗହିରା ରାସ୍ତା ହୋଇଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅଙ୍ଗନୱାଡିକୁ ଯିବାପାଇଁ ଛାତ୍ରୀଛାତ୍ର ହନ୍ତସନ୍ତ ହେବା ସହିତ ପଡ଼ୋଶୀ ଗାଁ ଚୌଧୁରୀକୁଦ ଗ୍ରାମବାସୀ ଆଣ୍ଠୁଏ ଜଳରେ ରାସ୍ତା ଉପରେ ଯିବା ଆସିବା କରୁଛନ୍ତି।

୬ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉଭୟ ଚରବସ୍ତକାଲରୁଇ ଏବଂ ଚୌଧୁରୀକୁଦ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତା ନିର୍ମାଣ ସମୟରେ ଗ୍ରାମର ଭୌଗୋଳିକ ସ୍ଥିତି ଓ ରାସ୍ତାର ସମତୁଲତା ପ୍ରତି ନଜର ନ ଦେଇ ବିଭାଗୀୟ ଅଧିକାରୀମାନେ ରାସ୍ତା ନିର୍ମାଣ କରାଇଥିଲେ। ଫଳରେ ଗାଁ ମଝି ରାସ୍ତାଟି ସମ୍ପୂର୍ଣ୍ଣ ଗହୀରାରେ ପକ୍କା ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତାରୁ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଅସରାଏ ବର୍ଷା ହେଲେ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି ଜମି ଯାଉଛି। ଉକ୍ତ ରାସ୍ତାଟି ବାଲିଆପାଳ ଯିବାକୁ ମୁଖ୍ୟ ରାସ୍ତା ଅଟେ। ଉଭୟ ଗ୍ରାମର ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ସମସ୍ୟା ବିଷୟରେ ଅବଗତ କରାଇଥିଲେ ମଧ ରାସ୍ତାରୁ ପାଣି ନିଷ୍କାସନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ ରାସ୍ତାଟିକୁ ଉଚ୍ଚା କରାଯିବା ସହିତ ରାସ୍ତାରୁ ପାଣି ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପଞ୍ଚାନନ ସାହୁ, ଆଦିତ୍ୟ ସାହୁ, ରବୀନ୍ଦ୍ର ସାହୁ, ବିଜୟ ସାହୁ, ପଞ୍ଚାନନ ଭୂୟାଁ, ରାଜେନ୍ଦ୍ର ଭୂୟାଁ, ଅରୁଣ ଭୂୟାଁ, ବସନ୍ତ ଦଣ୍ଡପାଟ ଓ ରାଜେନ୍ଦ୍ର ଦଣ୍ଡପାଟଙ୍କ ସହିତ ଉଭୟ ଗ୍ରାମର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଗାଁ ରାସ୍ତାରେ ଜମି ରହିଥିବା ବର୍ଷା ପାଣି।

# ବର୍ଷାପାଣିରେ ବୁଡ଼ିଲା ରାଜପଥ

## ଜବରଦଖଲ ଯୋଗୁ ହୋଇପାରୁନି ନିଷ୍କାସନ

**ଆରଡ଼ି,୧୨।୯(ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁରଠାରେ ଭଦ୍ରକ-ଆରଡ଼ି ରାଜ୍ୟପଥରେ ପ୍ରାୟ ୫୦ ଫୁଟ ରାସ୍ତା ବର୍ଷାପାଣିରେ ବୁଡି ରହିଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିବା ସହ ଅବରୋଧ କରି ରଖିଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ଏପରି ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି। ବର୍ଷା ହେଲା ମାତ୍ରେ ପାଣି ଜମି ରହି ରାସ୍ତା ବୁଡିଯାଉଛି। ଦୀର୍ଘଦିନ ଧରି ପାଣି ଜମିରହି ବିଭିନ୍ନ ସ୍ଥାନରୁ ପିଚୁ ଉଠିଯିବା ସହ ଖାଲ ସୃଷ୍ଟି ହୋଇଛି। ବାଇକ୍‌ରେ ଆସୁଥିବା ବହୁ ଅଜଣା ବ୍ୟକ୍ତି ଖାଲରେ ପଡ଼ିଯାଇ ଆହତ ହେଉଥିବା ନଜିର ରହିଛି। ସେହିପରି ସ୍କୁଲ ପିଲା ମଧ ବିଦ୍ୟାଳୟକୁ ଆସିବା ବାଟରେ ପଡ଼ିଯାଇ କଷ୍ଟ ଭୋଗୁଛନ୍ତି।

ଚଳିତବର୍ଷ ଶ୍ରାବଣୀ ମହୋତ୍ସବ ବୈଠକରେ ଏହି ରାସ୍ତାକୁ ଅସ୍ଥାୟୀ ମରାମତି କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲେ ବି ଏଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ। ଏ ବିଷୟରେ ଗ୍ରାମବାସୀ ଚାନ୍ଦବାଲି ତହସିଲଦାର ଓ ଭଦ୍ରକ ଜିଲାପାଳଙ୍କୁ ଅବଗତ କରିଛନ୍ତି। ୧୫ ଦିନ ମଧ୍ୟରେ ରାସ୍ତା ମରାମତି ଓ ବର୍ଷାପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ସହ ରାସ୍ତାରୋକୋ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର କହିଛନ୍ତି, ଏ ବିଷୟରେ ସେ ଅବଗତ ନାହାନ୍ତି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ସରକାରୀ ଜାଗା ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ସୁନ୍ଦରପୁର ରାସ୍ତା ଉପରେ ବର୍ଷାପାଣି ଜମି ରହିଛି।

# ଅବିଶ୍ରାନ୍ତ ବର୍ଷା, ଅଶାନ୍ତ ସମୁଦ୍ର

## ଜନଜୀବନ ଅସ୍ତବ୍ୟସ୍ତ

**ଭୋଗରାଇ, ୧୨।୯(ଡି.ଏନ.ଏ.)**

ଅବପାତ ଦୁର୍ବଳ ହେଉଥିବା ବେଳେ ମୌସୁମୀ ନିମ୍ନ ଚାପରେଖା ଯୋଗୁ ଗାଙ୍ଗେୟ ସମତଳ ଅଞ୍ଚଳରେ ଅବିଶ୍ରାନ୍ତ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇଛି। ଶନିବାରଠାରୁ ସୋମବାର ପର୍ଯ୍ୟନ୍ତ ବାଲେଶ୍ୱର ଜିଲା ଭୋଗରାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗିରହିଛି। ରବିବାର ଓ ସୋମବାର ପୂର୍ବାହ୍ନ ୮ଟା ସୁଦ୍ଧା ଦୁଇଦିନରେ ଭୋଗରାଇରେ ୧୩୦ମି.ମି. ବର୍ଷା ହୋଇଥିବା ରେକର୍ଡ଼ କରାଯାଇଥିବା ବେଳେ ସୋମବାର ବାଲିଆପାଳରେ ଜିଲାରେ ସର୍ବାଧିକ ୮୫ମି.ମି. ଓ ସୋରରେ ସର୍ବନିମ୍ନ ୨ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ଦପ୍ତର ସୂଚନା ଦେଇଛନ୍ତି। ଅପରପକ୍ଷରେ ପୂର୍ଣ୍ଣିମା ତିଥିରେ ଲଘୁଚାପ ହେବାରୁ ସମୁଦ୍ର ଉତ୍ତାଳ ହୋଇ ଓ କୂଳ ଆଡ଼କୁ ୧୦ଫୁଟ୍‌ରୁ ୧୨ଫୁଟ୍ ପର୍ଯ୍ୟନ୍ତ ଉଚ୍ଚଢ଼େଉ ସମୁଦ୍ରତଟ ସୁରକ୍ଷା ପଥରବନ୍ଧରେ ମାଡ଼ କରିଛି। ଏପରିକି ଦୀଘା ସୈକତ ସହରରେ ୩ଦିନ ଧରି ସମୁଦ୍ରର ଜଳ ଉଚ୍ଛ୍ୱାସ ହୋଇ ପର୍ଯ୍ୟଟକମାନଙ୍କ ରୋମାଞ୍ଚିତ କରିଛି। ଭୋଗରାଇର ଉଦୟପୁରଠାରୁ ବାଲିଆପାଳର ସମୁଦ୍ରକୂଳ ଗାଁଗୁଡ଼ିକରେ ସମୁଦ୍ର ଜୁଆର ମାଡ଼ିଯିବାରୁ କୂଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାରୁ ଜନଜୀବନ ପ୍ରଭାବିତ ହୋଇଛି। ବନ୍ୟା ପରେ ଧାନ ଚାଷ କଅଁଳି ଥିବାବେଳେ ପୁଣି ଲଘୁଚାପ ବର୍ଷା ଚାଷୀକୂଳକୁ ଚିନ୍ତିତ କରିଛି। ଅବିଶ୍ରାନ୍ତ ବର୍ଷାରେ ଗାଁଗଣ୍ଡା ପୁଣି ଜଳାର୍ଣ୍ଣବ ହୋଇ ଗମନାଗମନର ସମସ୍ୟା ଉପୁଜିଛି।

## ସଂକ୍ଷେପରେ

### ଉତ୍କଳ କେଶରୀ ହେଲେ ଜିଲା ଯୋଜନା କମିଟି ସଦସ୍ୟ

ଭଣ୍ଡାରିପୋଖରୀ, ୧୨।୯ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ୨୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତିଙ୍କୁ ଜିଲା ଯୋଜନା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଉତ୍କଳ ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ଓ ପ୍ରାକ୍ତନ ସରପଞ୍ଚ ବୀରେନ୍ଦ୍ର ମହାନ୍ତିଙ୍କ ପୁଅ। ତାଙ୍କୁ ଏହି ପଦବୀ ଲାଗି ମନୋନୀତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ଯୋଜନା କମିଟି ସଭାପତି ବ୍ୟୋମକେଶ ରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ରାଜ୍ୟ ସମ୍ପାଦକ ପ୍ରୟାସକାନ୍ତି ସାମଲ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।



### ରାଜ୍ୟପାଳ ପୁରସ୍କୃତ ଶିକ୍ଷାବିତ୍‌ଙ୍କ ପରଲୋକ

ବାସୁଦେବପୁର, ୧୨।୯ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ମନ୍ଦାରୀ ପ୍ରବୋଧପୁର ଗ୍ରାମର ରାଜ୍ୟପାଳ ପୁରସ୍କୃତ ଶିକ୍ଷାବିତ୍ ପଦ୍ମଲୋଚନ ଦାସ(୮୨)ଙ୍କ ରବିବାର ପରଲୋକ ହୋଇଛି। ଗତ କିଛିଦିନ ଧରି ଅସୁସ୍ଥତା ଯୋଗୁ ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେ ମନ୍ଦାରୀ ମଇ ସ୍କୁଲରେ ଦୀର୍ଘବର୍ଷ ଧରି ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାଧବାନନ୍ଦ ମଲିକ, ପୂର୍ବତନ ସରପଞ୍ଚ ତଥା ବିଜେଡି ବ୍ଲକ ସଭାପତି ଦୀନବନ୍ଧୁ ଦାସ, ନଗର ଯୁବ ସଭାପତି ମାନସ ସାହୁ, ଯୁବନେତା ସମ୍ବିତ ମହାନ୍ତି, ଛାତ୍ର ସଭାପତି କାଳନ୍ଦୀ ସାହୁ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶୋକବ୍ୟକ୍ତ କରିଛନ୍ତି।



# ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା


ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବାଲେଶ୍ୱର ଅଫିସ, ୧୨।୯**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଜାତୀୟସ୍ତରୀୟ ଅଲଟିମେଟ ଖୋ-ଖୋ ଚାମ୍ପିୟନଶିପରେ ଭାଗ ନେଇ ବାଲେଶ୍ୱରର ୪ଜଣ ଖେଳାଳିଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଅଧୀନରେ ଅଧ୍ୟୟନରତ ଜଗନ୍ନାଥ ମୁର୍ମୁ, ଶୁକନାଥ ସିଂ, ସିଦ୍ଧେଶ୍ୱର ଟୁଡୁ ଏବଂ ଲିପୁନ ମୁଖି ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା ପାଇଁ ଗୌରବ ସାଉଁଟିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଖେଳର ପ୍ରଚାର, ପ୍ରସାର ଓ ଖେଳକୁଦକୁ ଆଧାର କରି ଏକ ସୁସ୍ଥ ଶିକ୍ଷାବ୍ୟବସ୍ଥାର ଚିନ୍ତାଧାରାକୁ ବିଶ୍ୱବିଦ୍ୟାଳୟ ସଦାସର୍ବଦା ଉତ୍ସାହିତ କରିଆସିଛି ବୋଲି ମତବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମିନା ଦାସ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏ ଅଞ୍ଚଳର ସଫଳ ଖୋ-ଖୋ କୋଚ ଭାବେ ସୁଖ୍ୟାତି ଅର୍ଜନ କରିଥିବା ତଥା ବିଶ୍ୱବିଦ୍ୟାଳୟର ଖୋ-ଖୋ କୋଚ୍ ମଳୟ ରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ନିର୍ଦ୍ଦେଶକ ଡ. ଭାସ୍କର ବେହେରା ଓ କ୍ରୀଡା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ ସଂଯୋଜନା କରିଥିଲେ।

# ନିଟ୍ ପରୀକ୍ଷାରେ ସଫଳ ସ୍ନେହେଲଙ୍କୁ ସମ୍ବର୍ଦ୍ଧନା

**ବସ୍ତା, ୧୨।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ସଦାନନ୍ଦପୁର ପଞ୍ଚାୟତ ଯୋଗେଶ ଗୁପ୍ତାଙ୍କ ପୁଅ ସ୍ନେହେଲ ନିଟ୍ ପରୀକ୍ଷାରେ ୭୨୦ରୁ ୬୫୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ସୋମବାର ବସ୍ତା ଛାତ୍ର କଂଗ୍ରେସ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବସ୍ତାସ୍ଥିତ ତାଙ୍କ ଘରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ମଧ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ସମ୍ବର୍ଦ୍ଧନା ସମୟରେ ବସ୍ତା ନିର୍ବାଚନମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଇକ୍ ଚୋରି ଅଭିଯୋଗରେ ଆଉ ଜଣେ ଗିରଫ

**ବୈଶିଙ୍ଗା,୧୨।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ପୁଣି ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ନାରାୟଣ ମହାନ୍ତି ପଡ଼ିଆର ଚନ୍ଦନ ଗିରି। ଚୋରା ବାଇକ୍‌କୁ ସେ କିଣିଥିଲେ ବୋଲି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି। ପୂର୍ବରୁ ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିବା ବେଳେ ୩ ବାଇକ୍ ଜବତ କରିଥିଲା। ଗିରଫ ୩ ଅଭିଯୁକ୍ତଙ୍କଠାରୁ ମିଳିଥିବା ସୂଚନାକୁ ଆଧାର କରି ପୋଲିସ ଚଢ଼ାଉ କରି ବାଇକ୍ କିଣିଥିବା ଚନ୍ଦନଙ୍କୁ ଗିରଫ କରିଛି।

# ଆଖି ବୁଜିଲେ ଆଇଟିଆଇ ଛାତ୍ର

**ଭଦ୍ରକ ଅଫିସ, ୧୨।୯**

- ବିଷପିଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ
- ସୁଇସାଇଡ୍ ନୋଟ୍ ଆଧାରରେ ପୋଲିସର ତଦନ୍ତ

ବିଷପିଇ ଗୁରୁତର ଥିବା ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳର ଆଇଟିଆଇ କଲେଜ ଛାତ୍ର ଆଶୁତୋଷ ମଲ୍ଲିକ(୨୦) ରବିବାର ରାତିରେ ଆଖି ବୁଜିଛନ୍ତି। ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ପରେ ଜେଜେମା ରଜନୀରାଣୀ ମଲ୍ଲିକ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ନାତିଙ୍କ ମୃତ୍ୟୁ ପାଇଁ ତାଙ୍କ ସାଙ୍ଗମାନଙ୍କୁ ଦାୟୀ କରି ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୩୮୩/୨୨) ରୁଜୁ କରାଯାଇଛି। ଆଶୁତୋଷ ବିଷପିଇ ପଡ଼ିଥିବା ସ୍ଥାନରୁ ମିଳିଥିବା ସୁଇସାଇଡ୍ ନୋଟ୍ ଆଧାରରେ ତଦନ୍ତ ଚାଲିଛି। ତେବେ ସେ ଉକ୍ତ ନୋଟ୍‌ରେ ଆତ୍ମହତ୍ୟା ପାଇଁ ସହପାଠୀମାନଙ୍କୁ ଦାୟୀ କରିଥିବା ବେଳେ କାହାରି ନାଁ ଲେଖି ନ ଥିବା ଆଇଆଇସି ତପନ କୁମାର ପ୍ରଧାନ କହିଛନ୍ତି।

ସୂଚନାଯୋଗ୍ୟ, ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ସାନ୍ତରାପୁର ଛନ୍ଦାସାହିର ଭକ୍ତହରି ମଲ୍ଲିକଙ୍କ ପୁଅ ଆଶୁତୋଷ ଏକ ଘରୋଇ ଆଇଟିଆଇ କଲେଜରେ ଇଲେକ୍ଟ୍ରିକାଲ ଟ୍ରେଡ୍‌ରେ ପ୍ରଥମ ବର୍ଷର ଛାତ୍ର ଥିଲେ। ଗତ ଶୁକ୍ରବାର ଅପରାହ୍ନରେ ସେ ମା'ଙ୍କ ସହ ତିହିଡ଼ି ବଜାରକୁ ଯାଇଥିବା ବେଳେ ସେଠାରେ କେତେଜଣ ସହପାଠୀ ତାଙ୍କ ପାଠପଢ଼ାକୁ ନେଇ ଥଟ୍ଟା ପରିହାସ କରିଥିଲେ। ସେଠାରୁ ଫେରିବା ପରେ ଏଥିରେ ମର୍ମାହତ ହୋଇ ସେ ସନ୍ଧ୍ୟାରେ ଘରୁ ପଳାଇ ବିଷପିଇ ଦେଇଥିଲେ। ରାସ୍ତାକଡ଼ରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଶନିବାର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପରିବାର ପକ୍ଷରୁ ପୂର୍ବରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ତିହିଡ଼ି ପୋଲିସ ଆଶୁତୋଷଙ୍କର କେତେଜଣ ସହପାଠୀଙ୍କୁ ପଚରାଉଚରା କରିଥିଲା। ସେଥିରୁ ଆଶୁତୋଷଙ୍କୁ ରାଗିଂ କରାଯାଇ ନ ଥିବା ଥାନାଧିକାରୀ ପ୍ରଧାନ ପ୍ରକାଶ କରିଥିଲେ।

# ପୋଲ ତଳୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଭୋଗରାଇ, ୧୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ବାଟଗ୍ରାମ ଚିତେଇ ନଈ ପୋଲତଳୁ ସୋମବାର ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ କମର୍ଦ୍ଦା ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ବାଟଗ୍ରାମ ଗାଁର ଚୈତନ୍ୟ କାମିଲାଙ୍କ ପୁଅ ଉଦୟ କାମିଲା (୨୧)। ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଯୁବକଜଣକ ନିଜେ ରଶି ଲଗାଇଛନ୍ତି ନା ତାଙ୍କୁ କେହି ହତ୍ୟା କରି ପୋଲ ତଳେ ଟାଙ୍ଗି ଦେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ପ୍ରାଥମିକ ତଦନ୍ତ ଜାରି କରିଛି। ଉଦୟ ଏକ କ୍ୟାବିନରେ ଡେଜରାତି ଦୋକାନ କରି ପାରାଲିସିସ୍‌ରେ ଆକ୍ରାନ୍ତ ବୃଦ୍ଧ ବାପାଙ୍କୁ ପ୍ରତିପୋଷଣ କରିଆସୁଥିଲେ। ବହୁଦିନରୁ ମା'ଙ୍କ ମୃତ୍ୟୁ ହୋଇଯାଇଛି।

# ଛାତ୍ରୀ ମୃତ୍ୟୁକୁ ନେଇ ସ୍କୁଲରେ ତାଲା

## ପ୍ରଧାନ ଶିକ୍ଷକ ଓ ମାଟ୍ରନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାରିପଦା ଅଫିସ/ ବଡ଼ସାହି,୧୨।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବୀରେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସର ଜଣେ ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକଙ୍କ ସହ ଅଞ୍ଚଳବାସୀ ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରଧାନଶିକ୍ଷକ ଓ ମାଟ୍ରନଙ୍କୁ ଦାୟୀ କରି ମୃତକଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ୩ଶହ ଶଯ୍ୟା ବିଶିଷ୍ଟ ଉକ୍ତ ବାଳିକା ଆଶ୍ରମରେ ୨୭୦ଛାତ୍ରୀ ରହିଆସୁଛନ୍ତି । ରବିବାର ଅପରାହ୍ନରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଞ୍ଜଳି ପାତ୍ର(୧୪) ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଛାତ୍ରୀ ନିବାସ ପରିଚାଳନା ଦାୟିତ୍ୱରେ ଥିବା ମାଟ୍ରନ ତାଙ୍କୁ ଉକୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ଝିଅର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବଡ଼ସାହି ପୋଲିସ ବୁଝାଶୁଝା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲକୁ ଆଣିଥିଲେ। ସୋମବାର ସନ୍ଧ୍ୟାରେ ବୈଦ୍ୟପୁର ଛକରେ ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଉ ନ ଥିବା ପ୍ରତିବାଦରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା।



ସ୍କୁଲରେ ତାଲା ପକାଇ ଲୋକେ ବିକ୍ଷୋଭ କରୁଛନ୍ତି।

# ଆଞ୍ଚଳିକ ବ୍ରାହ୍ମଣ ସମିତିର ଭାଗବତ ଜନ୍ମୋତ୍ସବ

**ଖଇରା, ୧୨।୯ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଶାଖା ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ବଣପାରିଆ ଗ୍ରାମରେ ଶନି ଓ ରବିବାର ୨ଦିନ ଧରି ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଜଳଧର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ସମିତି ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦ ଓ ଭାଗବତ ପାଠ କରିଥିଲେ। ବିଶିଷ୍ଟ ପ୍ରବକ୍ତା ନରହରି ଦାଶ, ହରିହର ପାଣିଗ୍ରାହୀ ଭାଗବତର କିୟଦ ଅଂଶ ପାଠ କରି ଏହାର ମର୍ମ ବୁଝାଇଥିଲେ। ଉମେଶ ଚନ୍ଦ୍ର ନାୟକ, ଚିନ୍ତାମଣି ସାହାଣି, ବାସୁଦେବ ପଣ୍ଡା, ପଦ୍ମନାଭ ଶନିବିଗ୍ରହ, ରାମଚନ୍ଦ୍ର ଦାଶ, ରମାକାନ୍ତ ଶତପଥୀ, ବୁଦ୍ଧିରାମ ପାଣିଗାହୀ ପ୍ରମୁଖ ପରମଶାସ୍ତ୍ର ଉପରେ ଅନୁଷ୍ଠିତ ଆଲୋଚନାରେ ନିଜ ମତ ସାବ୍ୟସ୍ତ କରିଥିଲେ। ରଘୁନାଥ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

